## ୨୨.୦୯.୨୦୨୫

# କାରାବରଣ କରୁଥିବା କଏଦୀଙ୍କ ମୃତ୍ୟୁବରଣ

**ଅଣ ତାରକା ପ୍ରଶ୍ନ ସଂଖ୍ୟା ୧୧୨୨-ଶ୍ରୀ ଅଗସ୍ତି ବେହେରା, ବିଧାୟକ:**

**ମୁଖ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-**

(କ) ଚଳିତ ଏକ ବର୍ଷ ମଧ୍ୟରେ ରାଜ୍ୟର କେଉଁ ଜିଲ୍ଲାର କେଉଁ କାରାଗାରରେ କେତେ କଏଦୀ ରହୁଛନ୍ତି ଏବଂ ସେଥିମଧ୍ୟରୁ କେଉଁମାନଙ୍କର କେଉଁ କାରଣ ପାଇଁ ବିଚାରାଧୀନ ଥିବା ବେଳେ ଜେଲରେ ମୃତ୍ୟୁବରଣ କରିଛନ୍ତି, ତାର ଏକ ତାଲିକା ଦେବା ସହ ସେମାନଙ୍କ ପରିବାରକୁ ସରକାର କ'ଣ ସହାୟତା କରିଛନ୍ତି ଜଣାଇବେ କି, (ଖ) ଖୁଣ୍ଟିଣୀସ୍ଥିତ ରାଣିବଣିଆ ଆଦର୍ଶ କାରାଗାରରେ କଏଦୀଙ୍କ ମୃତ୍ୟୁକୁ ନେଇ କେଉଁମାନଙ୍କ ନାମରେ କି କି ଅଭିଯୋଗ ଆସିଥିବା ଏବଂ ଏହାକୁ ଆଧାର କରି ବିଭାଗ ପକ୍ଷରୁ ଏହା ଉପରେ ଅଦ୍ୟାବଧି କି କାର୍ଯ୍ୟାନୁଷ୍ଠାନ ନିଆଯାଇଅଛି, ଏବଂ ପରିବାର ବର୍ଗଙ୍କୁ ସରକାର କି ସହାୟତା ପ୍ରଦାନ କରିଛନ୍ତି ଜଣାଇବେ କି?

# ଉତ୍ତର

**ଶ୍ରୀ ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ–**

(କ) କାରାଗାରଗୁଡ଼ିକରେ କଏଦୀମାନଙ୍କ ସଂଖ୍ୟା ବର୍ଷର ବିଭିନ୍ନ ସମୟରେ ପରିବର୍ତ୍ତନ ହୋଇଥାଏ ।ତା୩୧.୦୮.୨୦୨୫ରିଖରେ ରାଜ୍ୟର ସମସ୍ତ କାରାଗାରଗୁଡ଼ିକରେ ମୋଟ ୧୮୬୮୫ କଏଦୀ (୪୨୩୪ଜଣ ଦୋଷୀ ସାବ୍ୟସ୍ତ କଏଦୀ ଏବଂ ୧୪୪୫୧ ଜଣ ବିଚାରାଧୀନ କଏଦୀ) କାରାବନ୍ଦୀଥିଲେ । ଗତ ଏକ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ କାରାଗାରରେ ୩୫ଜଣ ବିଚାରାଧୀନ କଏଦୀ ମୃତ୍ୟୁବରଣ କରିଛନ୍ତି,ଏହାର ଏକ ତାଲିକା **ପରିଶିଷ୍ଟ – "କ"** ରେ ସଂଲଗ୍ନ କରାଯାଇଛି ।

ପ.ପୃ.ଦ୍ର

କଏଦୀମାନେକାରାଗାରରେ ମୃତ୍ୟୁବରଣ କଲେ ସମ୍ପୃକ୍ତ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅନୁସନ୍ଧାନ କରାଯାଇ ମାନ୍ୟବର NHRCଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥାଏ। ମାନ୍ୟବର NHRCଙ୍କ ନିର୍ଦ୍ଦେଶ ଅନୁସାରେ ସମ୍ପୃକ୍ତ କଏଦୀମାନଙ୍କର ପରିବାରକୁ ବିଧିମୁତାବକ କ୍ଷତି ପୂରଣ ଦିଆଯାଇଥାଏ । ବିଗତ ଏକ ବର୍ଷ ମଧ୍ୟରେମୃତ୍ୟୁବରଣ କରିଥିବା କଏଦୀମାନଙ୍କ ସମ୍ବନ୍ଧରେ ମାନ୍ୟବର NHRCଙ୍କ ତରଫରୁ କୌଣସି ନିର୍ଦ୍ଦେଶ ପ୍ରାପ୍ତ ହୋଇନାହିଁ ।

(ଖ) ଚଳିତ ଏକ ବର୍ଷ ମଧ୍ୟରେ ଖୁର୍ଦ୍ଧାଣୀସ୍ଥିତ ରାଣୀବଣିଆ ଆଦର୍ଶ କାରାଗାରରେ ୦୨ ଜଣ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି । ଏହି କଏଦୀଙ୍କ ମୃତ୍ୟୁକୁ ନେଇକାହା ନାମରେ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ । ଉପରୋକ୍ତ ଦୁଇଟି ମାମଲାରେ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ତଦନ୍ତ ଜାରି ରହିଛି । ତାଙ୍କର ରିପୋର୍ଟ ଆଧାରରେ ମାନ୍ୟବର NHRCଙ୍କ ନିର୍ଦ୍ଦେଶ ପ୍ରାପ୍ତ ହେଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

***